**The Prameya**
**Date: 23.09.2018**

# ଚାକିରି ପଛରେ ନ ଦୌଡ଼ି ମାଲିକ ହୁଅ



## ● ଆଇଆଇଟି ସପ୍ତମ ସମାବର୍ତ୍ତନ ଉତ୍ସବ
## ● ନନ୍ଦୁରୀ ଦିବାକରଙ୍କୁ ମିଳିଲା ରାଷ୍ଟ୍ରପତି ସ୍ୱର୍ଣ୍ଣପଦକ

ଭୁବନେଶ୍ୱର,୨୨।୯(ବ୍ୟୁରୋ): ଛାତ୍ରଛାତ୍ରୀମାନେ ଚାକିରି ପଛରେ ନ ଦୌଡ଼ି ନିଜେ ନିଯୁକ୍ତି ଦାତା ହୁଅନ୍ତୁ। ଏବେ ସମଗ୍ର ବିଶ୍ୱରେ ଅଭୁତପୂର୍ବ ବୈଷୟିକ ଚାପ ସାଙ୍ଗକୁ ସ୍ଥିର ଆର୍ଥିକ ଅଭିବୃଦ୍ଧି ଓ ନିଯୁକ୍ତି ସୃଷ୍ଟି ଦିଗରେ ବଡ଼ ଚାଲେଞ୍ଜ ସୃଷ୍ଟି କରିଛି। ହେଲେ ବୈଷୟିକ କୌଶଳ ମାଧ୍ୟମରେ ଶକ୍ତି, ଜଳ, ପରିବେଶ, ପରିବହନ, ସ୍ୱାସ୍ଥ୍ୟ ଓ ପରିମଳ ଆଦି କ୍ଷେତ୍ରରେ ଅଭିବୃଦ୍ଧିର ବ୍ୟାପକ ସୁଯୋଗ ରହିଛି ବୋଲି ଭାରତ ସରକାରଙ୍କର ବିଜ୍ଞାନ ଏବଂ ପ୍ରାଦ୍ୟୋଗିକୀ ବିଭାଗର ସଚିବ ପ୍ରଫେସର ଆଶୁତୋଷ ଶର୍ମା କହିଛନ୍ତି।

ଶନିବାର ଭୁବନେଶ୍ୱର ଆଇଆଇଟି (ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି)ର ସପ୍ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ଶର୍ମା କହିଥିଲେ, ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଏକ ମଜବୁତ୍ ଟିମ୍ ଆବଶ୍ୟକ। ଟିମ୍ ଭଲ ଥିଲେ ସ୍ୱତଃ ସଫଳତା ମିଳିପାରିବ।

ବୋର୍ଡ଼ ଅଫ୍ ଗଭର୍ଣ୍ଣର୍ସର ଚେୟାରମ୍ୟାନ୍ ପଙ୍କଜ ରମଣଭାଇ ପଟେଲ ଅଧ୍ୟକ୍ଷ ଅଭିଭାଷଣରେ କହିଥିଲେ, ଜୀବନରେ ସଫଳତା ହାସଲ କରିବାକୁ ହେଲେ ଉଚ୍ଚ ଆଶା ରଖିବାକୁ ପଡ଼ିବ। ଏହା ବ୍ୟତୀତ ଜୀବନରେ ଉନ୍ନତି କରିବା ପାଇଁ ନିଜର ପାରିପାର୍ଶ୍ୱିକ ଉନ୍ନତି ବାବଦରେ ନୂଆ ଗବେଷଣା କରିବା ଆବଶ୍ୟକ ବୋଲି ଶ୍ରୀ ପଟେଲ୍ ପରାମର୍ଶ ଦେଇଥିଲେ। ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ରତ୍ନମ୍ ବରଦା ରାଜକୁମାର ସ୍ୱର୍ଣ୍ଣ ପଦକ ବିଜେତାମାନଙ୍କୁ ତାଙ୍କର ସଫଳ କୃତିତ୍ୱ ପାଇଁ ଶୁଭେଚ୍ଛା ଜଣାଇଥିଲେ।

ଏହି ଉତ୍ସବରେ ୩୩୨ଜଣଙ୍କୁ ଡିଗ୍ରୀ ମିଳିଥିବା ବେଳେ ସ୍କୁଲ ଅଫ୍ ମେକାନିକାଲ୍ ସାଇନ୍ସେସର ବି ଟେକ୍ ଛାତ୍ର ନନ୍ଦୁରୀ ଦିବାକରଙ୍କୁ ସର୍ବଶ୍ରେଷ୍ଠ ବିଟେକ୍ ଛାତ୍ର ଭାବେ ରାଷ୍ଟ୍ରପତି ସ୍ୱର୍ଣ୍ଣପଦକ ମିଳିଥିଲା। ସେହିପରି ସ୍କୁଲ ଅଫ୍ ବେସିକ୍ ସାଇନ୍ସେସ୍ ଛାତ୍ର ସାୟନ୍ ରୟଙ୍କୁ ଏମ୍ଏସ୍‌ସିର ଶ୍ରେଷ୍ଠ ଛାତ୍ର ଭାବେ ରାଷ୍ଟ୍ରପତି ସ୍ୱର୍ଣ୍ଣପଦକ ମିଳିଥିଲା। ସେହିପରି ବିଟେକ୍‌ରେ ନିଜ ବିଭାଗରେ ସର୍ବାଧିକ ନମ୍ବର ରଖିଥିବାରୁ ନନ୍ଦୁରୀ ଦିବାକର, ରାମରେଡ୍ଡି ଗିରି, ରାହୁଲ ରେଡ୍ଡି, କୋଲା ଲକ୍ଷ୍ମୀ ସାଇ ଶ୍ରୀ, ସ୍ନେହା ସୁସାନ ଜର୍ଜ ଓ ସୁଧାଂଶୁ ଶ୍ରୀବାସ୍ତବଙ୍କୁ ରୌପ୍ୟ ପଦକ ମିଳିଥିଲା।

ଅପରପକ୍ଷେ ଏମଟେକ୍ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ବିଭିନ୍ନ ବିଭାଗରେ ସର୍ବାଧିକ ନମ୍ବର ରଖିଥିବାରୁ ଦେବଲିନା ମୁଖାର୍ଜୀ, ବିକାଶ ଶର୍ମା ବିଏସ୍, ବାରିକ ଅନୁସୟା ଅନୁପମ ସ୍ୱାତୀ, ପଳାଶ ସ୍ୱର୍ଣ୍ଣକର, କୁପିଲି ରବିତେଜା, ନାଜନିନ୍ ନିଘାର ସୁଲତାନା ପ୍ରମୁଖଙ୍କୁ ରୌପ୍ୟ ପଦକ ଦିଆଯାଇଥିବା ବେଳେ ଏମ୍ଏସ୍‌ସିରେ ବିଭିନ୍ନ ବିଭାଗର ସର୍ବାଧିକ ନମ୍ବର ପାଇଁ ସାୟନ ରାୟ, ଅସ୍ମିତା ସିଂହରାୟ, ରାହୁଲ ରଣା, ଦୀପାଞ୍ଜଳି ହାଲଦାରଙ୍କୁ ରୌପ୍ୟ ପଦକ ଦିଆଯାଇଥିଲା। ୨୧୫ ଛାତ୍ରଛାତ୍ରୀ ଉପସ୍ଥିତ ରହି ଡିଗ୍ରୀ ଗ୍ରହଣ କରିଥିବା ବେଳେ ଅନ୍ୟମାନେ ଅନୁପସ୍ଥିତ ଥିଲେ।